SAMBAD
ସମ୍ବାଦ
Largest circulated odia daily




Home | Con

ପୋସ୍ଟୋ କହିଲେ ସ୍ଥାନ ବଦଳିବ; କୋଟିଆ ବିବାଦ: ଗୃହ କମିଟି ଆନ୍ଧ୍ର ଯିବ; ରାଗିଂ ହେଲେ ଅନୁଦାନ ବନ୍ଦ: ସୁପ୍ରିମ କୋର୍ଟ; ଆଇଆଇଟି ପ୍ରସଙ୍ଗ: ମୁଖ୍ୟମନ୍ତ୍ରୀଙ୍କୁ ଽ

ତାରିଖ : ୧୬/୫/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

Bhubaneswar Balasore Katak Brahmapur Jeypore Sambalpur Anugul Rourkela

Yellow pages | Orissa info | Ayurveda | Glamour Orissa | Public news reporting
Real-estate | Bidese odia | Vastu & Horoscope | Matrimonials | Calendar
Exam result | Art & craft | Eminent Personality | Jobs | News Archive

ମୁଖ୍ୟ ପୃଷ୍ଠା
ମୁଖ୍ୟ ଖବର
ଅନ୍ୟାନ୍ୟ ଖବର
କ୍ରୀଡ଼ା ଖବର
ଜାତୀୟ ଖବର
ଅନ୍ତର୍ଜାତୀୟ ଖବର
ମହାନଗର ଖବର
ରବିବାର ସମ୍ବାଦ
ବିଜ୍ଞାପନ
ସଂପାଦକୀୟ
ସାକ୍ଷାତକାର
ଆମ ସଂପର୍କରେ
କଟାକ୍ଷ
ସଂସ୍କରଣ ଅଭିଲେଖ









ଆଇଆଇଟି ପ୍ରସଙ୍ଗ: ମୁଖ୍ୟମନ୍ତ୍ରୀଙ୍କୁ ଅର୍ଜୁନ ଭୂତେଇଲେ---

## ଆଇଆଇଟି ପ୍ରସଙ୍ଗ: ମୁଖ୍ୟମନ୍ତ୍ରୀଙ୍କୁ ଅର୍ଜୁନ ଭୂତେଇଲେ

ଭୁବନେଶ୍ୱର (ଇମିସ): ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ଲାଗି ଦାବି ଜଣାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମଙ୍ଗଳବାର ଦିନ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହଙ୍କୁ ଭେଟିଥିଲେ । ସିଧାସଳଖ ମନା ନକରି କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଉଡ଼ା ପ୍ରତିଶ୍ରୁତି ଦେଇଥିଲେ । କହିଥିଲେ, ଏକାଦଶ ପଞ୍ଚବାର୍ଷିକ ଯୋଜନା ପାଇଁ ମାନବସମ୍ବଳ ମନ୍ତ୍ରଣାଳୟ ଚୂଡ଼ାନ୍ତ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବା ସମୟରେ ଓଡ଼ିଶା କଥା ବିଚାର କରାଯିବ । ମୁଖ୍ୟମନ୍ତ୍ରୀ ଖୁସି ହୋଇ ଆସିଥିଲେ । କିନ୍ତୁ ଅର୍ଜୁନ ଯେ ତାଙ୍କୁ ଭୂତେଇ ଦେଇଥିଲେ ସେ କଥା ସେ ଜାଣିପାରିଲେ ନାହିଁ । କାରଣ ମାନବସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ନୂତନ ଆଇଆଇଟି ପ୍ରତିଷ୍ଠା ନେଇ ଯୋଜନା କମିସନଙ୍କୁ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଚୂଡ଼ାନ୍ତ ପ୍ରସ୍ତାବ ଯାଇସାରିଛି । ଏଥିରେ ଓଡ଼ିଶାର ନାମ ନାହିଁ କିମ୍ବା ଆସିବାର ସମ୍ଭାବନା ନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଓ ବିହାରରେ ତିନୋଟି ଆଇଆଇଟି ପ୍ରତିଷ୍ଠା ପାଇଁ ମନ୍ତ୍ରଣାଳୟ ଚୂଡ଼ାନ୍ତ ପ୍ରସ୍ତାବ ଦେଇଛି ଏବଂ ଯୋଜନା କମିସନ ଏହାକୁ ମଞ୍ଜୁରୀ ଦେଇ ସାରିଛନ୍ତି । ମନ୍ତ୍ରଣାଳୟର ପ୍ରାଥମିକ ଚିଠା ପ୍ରସ୍ତାବରେ ଓଡ଼ିଶାକୁ ସାମିଲ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କଂଗ୍ରେସ ଶାସିତ ଆନ୍ଧ୍ରପ୍ରଦେଶକୁ ଓଡ଼ିଶାରେ ପ୍ରସ୍ତାବିତ ଆଇଆଇଟିକୁ ଉପହାର ଦେଇ ଦିଆଯାଇଛି । ଆଉଥରେ ଆଇଆଇଟି ପାଇଁ ପ୍ରସ୍ତାବ ଯିବା ଅସମ୍ଭବ ବୋଲି ଯୋଜନା ଓ ସମନ୍ୱୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

ଉପା ସରକାର କ୍ଷମତାକୁ ଆସିବା ପରେ ଉଚ୍ଚଶିକ୍ଷାର ବିକାଶ ପାଇଁ ୧୫ଟି ରାଜ୍ୟକୁ ମୋଟ ୨୩ଟି କେନ୍ଦ୍ରୀୟ ପରିଚାଳିତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମଞ୍ଜୁର କରିଛନ୍ତି । ତନ୍ମଧ୍ୟରୁ ଓଡ଼ିଶା ଭାଗରେ ଗୋଟିଏ ବି ନାହିଁ । ଅଧିକାଂଶ ଶିକ୍ଷା ପ୍ରତିଷ୍ଠାନ କଂଗ୍ରେସ କିମ୍ବା ଉପା ଅଂଶୀଦାରଙ୍କ ଶାସନାଧୀନ ରାଜ୍ୟକୁ ଯାଇଛି । ଗୋଟିଏ ଆଇଆଇଟି ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ୧୦୦୦ କୋଟିରୁ ୪୦୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଥାନ୍ତି । ବିହାର ପାଇଁ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ କେନ୍ଦ୍ର ଉପରେ ଚାପ ପକାଇ ଆଇଆଇଟି ହାସଲ କରିଥିବା ବେଳେ ବିଜେପି ଶାସନାଧୀନ ହେଲେ ମଧ୍ୟ ରାଜ୍ୟର କଂଗ୍ରେସ ନେତାଙ୍କ ଲବି ଫଳରେ ରାଜସ୍ଥାନକୁ ଆଇଆଇଟି ମିଳିଛି ।

ଏହାବ୍ୟତୀତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍ ଏଜୁକେସନ୍ ଏଣ୍ଡ ରିସର୍ଚ୍ଚ (ଆଇଆଇଏସଇଆର) ପ୍ରତିଷ୍ଠା ପାଇଁ ୫ଟି ରାଜ୍ୟ ଚିହ୍ନଟ ହୋଇଛି । ଏଗୁଡ଼ିକ ହେଲା ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ପଞ୍ଜାବ, ମଧ୍ୟପ୍ରଦେଶ ଓ କେରଳ । ଗୋଟିଏ ଆଇଆଇଏସଇଆର ପ୍ରତିଷ୍ଠା ପାଇଁ କେନ୍ଦ୍ର ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ବିନିଯୋଗ କରିଥାଏ । ପଶ୍ଚିମବଙ୍ଗ ଓ କେରଳ ପାଇଁ ବାମ ସାମ୍ମୁଖ୍ୟ ଚାପ ପକାଇଥିବା ବେଳେ ପଞ୍ଜାବରେ କଂଗ୍ରେସ ଶାସନ ଥିବା ବେଳେ ଏହା ସମ୍ଭବ ହୋଇଥିଲା । ମେଘାଳୟରେ












ଗୋଟିଏ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ) ପ୍ରତିଷ୍ଠା ଲାଗି ମଞ୍ଜୁରୀ ମିଳିଛି ।

ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନଗର ଯୋଜନା ଓ ସ୍ଥପତି ପାଠ୍ୟକ୍ରମରେ ଉଚ୍ଚ ତର ଶିକ୍ଷା ନିମନ୍ତେ ଆନ୍ଧ୍ର ଓ ମଧ୍ୟପ୍ରଦେଶରେ ଗୋଟିଏ ଲେଖାଏ ସ୍କୁଲ୍ ଅଫ୍ ପ୍ଲାନିଂ ଏଣ୍ଡ ଆର୍କିଟେକଚର୍ (ଏସପିଏ) ପ୍ରତିଷ୍ଠା ସକାଶେ ମଞ୍ଜୁରୀ ଦିଆଯାଇଛି । ପଶ୍ଚିମବଙ୍ଗରେ ଥିବା ବେଙ୍ଗଲ୍ ଇଂଜିନିୟରିଂ ଏଣ୍ଡ ସାଇନସ୍ ୟୁନିଭରସିଟି, ଆନ୍ଧ୍ରପ୍ରଦେଶର ଆନ୍ଧ୍ର ୟୁନିଭରସିଟି ଅଫ୍ ଇଜିନିୟରିଂ, ଓସମାନିଆ ୟୁନିଭରସିଟି ଅନୁବନ୍ଧିତ ଇଂଜିନିୟରିଂ କଲେଜ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି ଓ କୋଚିନ ୟୁନିଭରସିଟି ଅଫ୍ ସାଇନସ୍ ଏଣ୍ଡ ଟେକନୋଲୋଜିକୁ ଆଇଆଇଟିସ୍ତରୀୟ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍ ଏଣ୍ଡ ଟେକନୋଲୋଜିର ମାନ୍ୟତା ମିଳିଛି ।

ଏହାଛଡ଼ା ତାମିଲନାଡୁରେ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ୍ ଟେକନୋଲୋଜି, ଅଲାହାବାଦ୍ ବିଶ୍ୱବିଦ୍ୟାଳୟ, ମଣିପୁର ବିଶ୍ୱବିଦ୍ୟାଳୟ, ଅରୁଣାଚଳପ୍ରଦେଶ ବିଶ୍ୱବିଦ ୍ୟାଳୟ ଓ ତ୍ରିପୁରା ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମର୍ଯାଦା ଦିଆଯାଇଛି । ସିକିମ୍‌ରେ ଏକ ନୂତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ମଧ୍ୟ କେନ୍ଦ୍ର ଘୋଷଣା କରିଛି ।

ମୁଖ୍ୟଖବର

- 
- ପୋସ୍କୋ କହିଲେ ସ୍ଥାନ ବଦଳିବ
- କୋଟିଆ ବିବାଦ: ଗୃହ କମିଟି ଆନ୍ଧ୍ର ଯିବ
- ରାଗିଂ ହେଲେ ଅନୁଦାନ ବନ୍ଦ: ସୁପ୍ରିମ କୋର୍ଟ
- ଆଇଆଇଟି ପ୍ରସଙ୍ଗ: ମୁଖ୍ୟମନ୍ତ୍ରୀଙ୍କୁ ଅର୍ଜୁନ ଭେଟିଲେ
- ଆଇଜି-ବିହାରୀ ଅପରାଧୀ ସଂପର୍କ: କଂଗ୍ରେସର ସିବିଆଇ ତଦନ୍ତ ଦାବି
- ଡିଜିଙ୍କ ରିପୋର୍ଟ ଆଜି
- ନୂତନ ବିଦ୍ୟୁତ ପ୍ରକଳ୍ପ ପାଇଁ ଓଡ଼ିଶାକୁ କୋଇଲା ବ୍ଲକ୍ ମିଳିଲା
- ପିଏସିରେ ମୁଖ୍ୟ ଶାସନ ସଚିବ ହାଜର ହେଲେ
- ମୁଖ୍ୟମନ୍ତ୍ରୀଙ୍କ ଆଦେଶକୁ ବି ଅଫିସରଙ୍କ ଖାତିର ନାହିଁ
- ନିଖିଳ ଭାରତ ପୂର୍ବତନ ବିଧାୟକ ପରିଷଦର ବୈଠକ ୨୬ରେ
- ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ କାଏମ୍ ରହୁ: କାହ୍ନୁ
- ଲକ୍ଷ୍ୟଠାରୁ ଅଧିକ ଆୟକର ଆଦାୟ ହୋଇଛି: ମୁଖ୍ୟ କମିସନର
- ଏନ୍‌ଜିଓମାନଙ୍କୁ ନିୟନ୍ତ୍ରଣ ପାଇଁ ଆଇନ ହେବ
- ମାନବାଧିକାର କମିସନଙ୍କୁ ଜିଲ୍ଲାପାଳଙ୍କ ରିପୋର୍ଟ: ୩ଟି ଗାଁ ନଦୀ ଗର୍ଭରେ ମିଶିବ

ବିତର୍କ/ମତାମତ ସଂଗ୍ରହ

**Poll ID 0 does not exist.**

**News letter**

**Newsletter Signup**

Name*

Email*

Subscribe

Unsubscribe




**କଟାକ୍ଷ**



ସଫଳ ପୁରୁଷ ପଛରେ ଯେସନେ

ରହିଥାଏ ଜଣେ ନାରୀ

ବିଫଳ ପୁରୁଷ ପଛପଟେ ମଧ୍ୟ

ସେହିପରି ଥାଏ ନାରୀ.....

କେଉଁ ନାରୀ ଦିଏ ତାରି.....

କେଉଁ ନାରୀ ତା'ର ମାୟାକୁ ବିସ୍ତାରି

ପୁରୁଷକୁ ଦିଏ ସାରି.....

Make your attractive website with domain name booking and web space only @ **INR 2999**/- * for further information contact info@

*Powered by* EML in Association with Modulesoft

Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768